# NATIONAL NEWS BULLETIN (ODIA)
## 17 January - 2026
## Evening Bulletin : 7.15 p.m.

*********************************

## <u>ମୁଖ୍ୟ ସମ୍ବାଦ</u>

- ମାଲଦା ଠାରେ ୩ ହଜାର ୨୫୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ରେଳ ଓ ସଡ଼କ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

– ଗୁଆହାଟୀ-ହାଓଡ଼ା ମଧ୍ୟରେ ଆଜିଠାରୁ ଚଳାଚଳ ଆରମ୍ଭ କଲା ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ।

- ନୂଆଦିଲ୍ଲୀଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ୨୦୨୬ ।

- ଗାଜା ସଂଘର୍ଷ ପରିସମାପ୍ତି କରିବା ଲକ୍ଷ୍ୟ ନେଇ ଏକ ନୂତନ ଶାନ୍ତି ବୋର୍ଡ଼ ଗଠନ କଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇ.ସି.ସି. ୧୯ ବର୍ଷରୁ କମ୍ ପୁରୁଷ ବର୍ଗ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ବାଂଲାଦେଶ ସମ୍ମୁଖରେ ୨୩୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

## ପିଏମ୍-ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗ ଏବଂ ଉତ୍ତର ପୂର୍ବାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେତେକ ରେଳ ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ୩ ହଜାର ୨୫୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ । ମାଲଦାଠାରେ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରେଳ ଯୋଗାଯୋଗ ବୃଦ୍ଧି କରିବା କ୍ଷେତ୍ରରେ ଦେଶରେ ୪ଟି ଅମୃତ ଭାରତ ଟ୍ରେନ୍ ସେବା ମଧ୍ୟ ଆଜିଠାରୁ ଆରମ୍ଭ ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଦେଶର ଏହି ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ମା’ କାଳୀଙ୍କ ଭୂମିକୁ ମା’ କାମାକ୍ଷାଙ୍କ ଭୂମି ସହିତ ସଂଯୋଗ କରୁଛି । ହାଓଡ଼ା ଏବଂ ଗୁଆହାଟୀ ମଧ୍ୟରେ ଏହି ଟ୍ରେନ୍‌ଟି ଚଳାଚଳ କରିବ ।

ଶ୍ରୀ ମୋଦୀ କହିଛନ୍ତି, ଆଗାମୀ ସମୟରେ ଏହି ଆଧୁନିକ ଟ୍ରେନ୍ ଚଳାଚଳ ବ୍ୟବସ୍ଥା ସମଗ୍ର ଦେଶରେ ଅଧିକ ବ୍ୟାପକ ହେବ ।

**VO-1--PM---CONNECTIVITY**

ପଶ୍ଚିମବଙ୍ଗର ରାଜନୈତିକ ପରିସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେଠାରେ ବେଆଇନ୍ ଅନୁପ୍ରବେଶ ଏକ ଗୁରୁତର ଆହ୍ୱାନ ଭାବେ ଦେଖାଦେଇଛି । ଆଞ୍ଚଳିକ ଜନସଂଖ୍ୟା ଏବଂ ସ୍ଥାନୀୟ ଭାଷାକୁ ମଧ୍ୟ ଏହା ପ୍ରଭାବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବହୁ ଧନୀ ରାଷ୍ଟ୍ର ବେଆଇନ୍ ପ୍ରବାସୀଙ୍କୁ ଦେଶାନ୍ତର କରୁଥିବା ବେଳେ ରାଜନୈତିକ ଦୃଷ୍ଟିକୋଣ ଆଧାରରେ ପଶ୍ଚିମବଙ୍ଗର ଟି.ଏମ୍.ସି. ସରକାର ଏ ଦିଗରେ କାର୍ଯ୍ୟ କରିବାରେ ବିଫଳ ହୋଇଛନ୍ତି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି । ଆୟୁଷ୍ମାନ୍ ଭାରତ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଦ୍ୟୁତ୍ ଯୋଜନା ଏବଂ ଜଳଜୀବନ ମିଶନ୍ ଭଳି କେନ୍ଦ୍ରୀୟ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପଶ୍ଚିମବଙ୍ଗରେ ପ୍ରବର୍ତ୍ତନ କରିବାକୁ ରାଜ୍ୟ ସରକାର ବାଧା ସୃଷ୍ଟି କରୁଛନ୍ତି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

# ପିଏମ୍-ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଆହାଟୀର ଅର୍ଜୁନ ଭୋଗେଶ୍ୱର ବରୁହ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ପାରମ୍ପରିକ ବୋଡୋ

ସାଂସ୍କୃତିକ କାର୍ଯ୍ୟକ୍ରମ ବଗରୁମ୍ବା ଦ୍ୱାହୁ ୨୦୨୬ରେ ଅଂଶଗ୍ରହଣ କରୁଛନ୍ତି । ଶ୍ରୀ ମୋଦୀ ଆସାମର ଗୁଆହାଟୀ ବିମାନ ବନ୍ଦରଠାରେ ପହଞ୍ଚିବା ପରେ ଆଜାରା ପର୍ଯ୍ୟନ୍ତ ଏକ ରୋଡ୍ ଶୋ'ରେ ଯାଇଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ପାରମ୍ପରିକ ପୋଷାକ ପରିହିତ ଆସାମବାସୀ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଆସାମରେ କେତେକ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଦୁଇଟି ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ବିଶ୍ୱକର୍ମା ହାଟ

ନୂଆଦିଲ୍ଲୀରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ୨୦୨୬ ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅଧୀନରେ ଆୟୋଜିତ ହେଉଥିବା ଏହି ପ୍ରଦର୍ଶନୀ ହସ୍ତଶିଳ୍ପୀ ଏବଂ ହସ୍ତକଳା କାରିଗରଙ୍କ ପାଇଁ ଏକ ମଞ୍ଚ ପ୍ରଦାନ କରିବ ବୋଲି ସରକାର କହିଛନ୍ତି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝୀ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ଦେଶର ପାରମ୍ପରିକ କାରିଗରୀ ଶିଳ୍ପକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଏଭଳି ହାଟର ଆୟୋଜନ କରାଯାଇଛି ।

ହସ୍ତଶିଳ୍ପ ଏବଂ ହସ୍ତକଳା କାରିଗରଙ୍କର ଉତ୍ପାଦଗୁଡ଼ିକୁ ଜାତୀୟ ଏବଂ ଆନ୍ତର୍ଜାତିକ କ୍ରେତା, ଅନ୍ୟାନ୍ୟ ଅଂଶିଦାର ଓ ସାଧାରଣ ଜନତାଙ୍କ ନିକଟରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏହା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୧୧୭ରୁ ଅଧିକ କାରିଗର ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ପାଇଁ ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ତଥା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଜଣାପଡ଼ିଛି । ଏହି ପ୍ରଦର୍ଶନୀ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।

## ଟ୍ରମ୍ପ୍-ଗାଜା ବୋର୍ଡ୍ ଅଫ୍ ପିସ୍

ଗାଜା ସଂଘର୍ଷ ପରିସମାପ୍ତି କରିବା ଲକ୍ଷ୍ୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ନୂତନ ଶାନ୍ତି ବୋର୍ଡ୍ ଗଠନ କରିଛନ୍ତି । ଶ୍ରୀ ଟ୍ରମ୍ପ୍‌ଙ୍କ ୨୦ସୂତ୍ରୀ ଶାନ୍ତି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବା ଲକ୍ଷ୍ୟ ନେଇ ଏହି ବୋର୍ଡ୍ ଗଠନ କରାଯାଇଥିବା ଜଣାପଡ଼ିଛି । ଶ୍ରୀ ଟ୍ରମ୍ପ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ବୋର୍ଡ୍‌ରେ ପ୍ରମୁଖ ସଦସ୍ୟଙ୍କ ମଧ୍ୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର୍, ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱେଟ୍‌କଫ୍, ବିଶ୍ୱବ୍ୟାଙ୍କ୍ ସଭାପତି ଅଜୟ ବଙ୍ଗା, ଟ୍ରମ୍ପ୍‌ଙ୍କ ଜ୍ୱାଇଁ ଜାରେଡ୍ କୁସନର୍,

ଆପୋଲୋ ଗ୍ଲୋବାଲ୍ ମ୍ୟାନେଜ୍‌ମେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାର୍କ ରୋଓ୍ୱାନ୍ ଏବଂ ଅମେରିକାର ଉପଜାତୀୟ ସୁରକ୍ଷା ପରାମର୍ଶଦାତା ରବର୍ଟ୍ ଗାବ୍ରିଏଲ୍ ପ୍ରମୁଖ ଅଛନ୍ତି ।

ଗାଜାରେ ଶାସନ ବ୍ୟବସ୍ଥା, ଆଞ୍ଚଳିକ ସହଯୋଗ, ପୁନଃ ନିର୍ମାଣ, ପାଣ୍ଠି ନିବେଶ ଏବଂ ଦୀର୍ଘମିଆଦୀ ସ୍ଥିରତା ଉପରେ ଏହି ବୋର୍ଡ଼ କାର୍ଯ୍ୟ କରିବ ବୋଲି କୁହାଯାଇଛି । ଶ୍ରୀ ଟ୍ରମ୍ପ୍‌ଙ୍କ ବରିଷ୍ଠ ପରାମର୍ଶଦାତା ଆରୈହ୍ୟ ଲାଇଟ୍‌ଷ୍ଟୋନ୍ ଏବଂ ଜୋସ୍ ଗ୍ରୁଏନ୍‌ବାଉମ୍ ବୋର୍ଡ଼୍‌ର ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀ ନେଇ ସହଯୋଗ ପ୍ରଦାନ କରିବେ ।

ଅନ୍ୟ ପକ୍ଷରେ ଇସ୍ରାଏଲ୍ ଏବଂ ହମାସ୍ ଗାଜାରେ ଯୁଦ୍ଧ ବିରତି ଉଲ୍ଲଙ୍ଘନ ନେଇ ପରସ୍ପର ବିରୁଦ୍ଧରେ ଅଭିଯୋଗ କରିଛନ୍ତି । ଯୁଦ୍ଧ ବିରତି ଉଲ୍ଲଙ୍ଘନ ଅବସରରେ ୪୫୦ରୁ ଅଧିକ ପାଲେନ୍‌ଷ୍ଟାଇନ୍ ଏବଂ ୩ ଜଣ ଇସ୍ରାଏଲ୍ ସୈନିକଙ୍କ ମୃତ୍ୟୁ ହୋଇଥିବା ଏକ ରିପୋର୍ଟ୍‌ରେ କୁହାଯାଇଛି । ଗତ ୨୦୨୩ ଅକ୍ଟୋବର ମାସଠାରୁ ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ ଦ୍ୱାରା ବହୁ ଲୋକ ପ୍ରାଣ ହରାଇବା ସହ ଅନେକ ବିସ୍ଥାପିତ ହୋଇଛନ୍ତି ।

## ନାଭି-ସିଙ୍ଗାପୁର

ଭାରତୀୟ ନୌସେନାର ପ୍ରଥମ ତାଲିମ୍ ସ୍କ୍ୱାଡ୍ରନ୍ ଆଇ.ଏନ୍.ଏସ୍. ତୀର୍, ଆଇ.ଏନ୍.ଏସ୍. ସାର୍ଦ୍ଧୁଳ, ଆଇ.ଏନ୍.ଏସ୍. ସୁଜାତା ଏବଂ ଭାରତୀୟ

ତଟରକ୍ଷୀ ଜାହାଜ ସାରଥି ସିଙ୍ଗାପୁର ଚାଙ୍ଗି ନୌସେନା ଘାଟିରେ ଗତ ଶୁକ୍ରବାର ଦିନ ପହଞ୍ଚିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଦକ୍ଷିଣ-ପୂର୍ବ ଭାରତ ମହାସାଗର କ୍ଷେତ୍ରରେ ତାଲିମ୍ ପ୍ରଦାନ ଲକ୍ଷ୍ୟ ନେଇ ଏହି ସ୍କ୍ୱାଡ୍ରନ୍ ସେଠାରେ ପହଞ୍ଚିଛି ।

ଭାରତୀୟ ନୌସେନା ଏବଂ ସିଙ୍ଗାପୁର ନୌସେନାର ଦକ୍ଷତା ବୃଦ୍ଧି ଏବଂ ଦ୍ୱିପାକ୍ଷିକ ସାମୁଦ୍ରିକ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତାଲିମ୍ ସମୟରେ ବିଭିନ୍ନ ପ୍ରକାର ପୋତାଶ୍ରୟ ଆଧାରିତ କାର୍ଯ୍ୟ ଏବଂ ବୃତ୍ତିଗତ ବ୍ୟବସ୍ଥା ସାମିଲ କରାଯିବ । ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଡକ୍ଟର ସିଲପକ୍ ଆମ୍ବୁଲେ ସ୍କ୍ୱାଡ୍ରନ୍‌ର ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଛନ୍ତି । ସିଙ୍ଗାପୁର ନୌସେନା ସହିତ ସମ୍ପର୍କ ବୃଦ୍ଧି ଏବଂ ସହଭାଗିତା ଆଲୋଚନା ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ । ସାମୁଦ୍ରିକ କ୍ଷେତ୍ରରେ ପାରସ୍ପରିକ ସୁରକ୍ଷା ଏବଂ ଅଭିବୃଦ୍ଧି ତଥା ସାମଗ୍ରୀକ ଉନ୍ନତି କ୍ଷେତ୍ରରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

# ଡଲ୍‌ଫିନ୍ ସର୍ଭେ

ଉତ୍ତର ପ୍ରଦେଶର ବିଜ୍‌ନୋର୍‌ରୁ ଦେଶର ନଦୀ ଏବଂ ନଦୀ ମୁହାଣ ଡଲ୍‌ଫିନ୍ ସର୍ଭେର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ

ପ୍ରୋଜେକ୍ଟ ଡଲ୍‌ଫିନ୍ ଅଧୀନରେ ଦୁଇଟି ପର୍ଯ୍ୟାୟରେ ଏହି ସର୍ଭେ କାର୍ଯ୍ୟ କରାଯିବ । ପ୍ରଥମ ପର୍ଯ୍ୟାୟରେ ବିଜ୍‌ନୋର୍‌ରୁ ଗଙ୍ଗାସାଗର ଏବଂ ସିନ୍ଧୁ ନଦୀ ପର୍ଯ୍ୟନ୍ତ ଗଙ୍ଗାର ମୁଖ୍ୟ ଅଞ୍ଚଳକୁ ଏଥିରେ ସାମିଲ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ବ୍ରହ୍ମପୁତ୍ର, ଗଙ୍ଗାର ଉପନଦୀ, ସୁନ୍ଦରବନ ଏବଂ ଓଡ଼ିଶାକୁ ସାମିଲ କରାଯିବ ବୋଲି ମନ୍ତ୍ରଣାଳୟ କହିଛି । ସିନ୍ଧୁନଦୀ ଡଲ୍‌ଫିନ୍ ଏବଂ ଇରାୱାଡ଼ି ଡଲ୍‌ଫିନ୍‌ଙ୍କ ସଂଖ୍ୟା, ସେମାନଙ୍କର ସଂରକ୍ଷଣ ତଥା ଅନ୍ୟାନ୍ୟ ଆହ୍ୱାନଗୁଡ଼ିକ ବିଷୟରେ ଏହି ସର୍ଭେ କାଳରେ ମୂଲ୍ୟାଙ୍କନ କରାଯିବ । ପ୍ରୋଜେକ୍ଟ ଡଲ୍‌ଫିନ୍ ଅଧୀନରେ ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଜାପାନିଜ୍ ମିନିଷ୍ଟର୍ ଦିଲ୍ଲୀ ମେଟ୍ରୋ

ଜାପାନ୍‌ର ବୈଦେଶିକ ମନ୍ତ୍ରୀ ତୋଷି ମିତ୍‌ସୁ ମୋଟେଗି ଆଜି ଦିଲ୍ଲୀ ମେଟ୍ରୋ ଯୋଗେ ଯାତ୍ରା କରିଛନ୍ତି । ପଟେଲ୍ ଚୌକ୍ ପର୍ଯ୍ୟନ୍ତ ଯାତ୍ରାରେ ଯାଇ ସେ ପୁନର୍ବାର ମେଟ୍ରୋ ଟ୍ରେନ୍ ଯୋଗେ ପ୍ରତ୍ୟାବର୍ତ୍ତନ କରିଥିଲେ । ଦିଲ୍ଲୀ ମେଟ୍ରୋ ରେଳ ନିଗମର ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶ୍ରୀ ମୋଟେଗି ଦିଲ୍ଲୀ ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି । ତାଙ୍କ ସହିତ ଭାରତରେ

ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ଓନୋ କେଇଚି ମଧ୍ୟ ଏହି ଗସ୍ତରେ ଯାଇଥିଲେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦିଲ୍ଲୀ ମେଟ୍ରୋ ରେଳ ନିଗମ କହିଛି, ଗସ୍ତ ଅବସରରେ ଜାପାନର ବୈଦେଶିକ ମନ୍ତ୍ରୀ, ମେଟ୍ରୋ ରେଳପଥର ନିର୍ମାଣ ଏବଂ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ଜାପାନ୍‌ର ଆନ୍ତର୍ଜାତିକ ସହଯୋଗ ସଂସ୍ଥା ଜାଇକା ପ୍ରଥମ ପର୍ଯ୍ୟାୟରୁ ଦିଲ୍ଲୀ ମେଟ୍ରୋ ପ୍ରକଳ୍ପକୁ ଆର୍ଥିକ ସହାୟତା ପ୍ରଦାନ କରିଆସୁଛି । ପୂର୍ବରୁ ବୈଦେଶିକ ମନ୍ତ୍ରୀ ଶ୍ରୀ ମୋଟେଗି ରାଜଘାଟ ଗସ୍ତରେ ଯାଇ ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଗତ ଗୁରୁବାର ଶ୍ରୀ ମୋଟେଗି ତିନି ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ ।

## ବାଂଲାଦେଶ-ହ୍ୟୁମାନ ରାଇଟସ୍ ୱାଚ୍

ଆସନ୍ତା ଫେବୃୟାରୀ ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ପରିପ୍ରେକ୍ଷୀରେ ସଂଖ୍ୟାଲଘୁ ଏବଂ ମହିଳାଙ୍କ ବିରୁଦ୍ଧରେ ହିଂସା ବୃଦ୍ଧି ପାଉଥିବା ନେଇ ସେଠାକାର ହ୍ୟୁମାନ୍ ରାଇଟସ୍ ୱାଚ୍ ଗ୍ରୁପ୍ କହିଛି । ଏହି ଗ୍ରୁପ୍ ତରଫରୁ ପ୍ରକାଶିତ ଏକ ରିପୋର୍ଟ୍‌ରେ କୁହାଯାଇଛି, ଦେଶବାସୀଙ୍କ ମୌଳିକ ଅଧିକାର ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ମଧ୍ୟବର୍ତ୍ତିକାଳୀନ ସରକାର ବିଫଳ ହୋଇଛି । ସଂସଦରେ

ମହିଳାଙ୍କ ପ୍ରତିନିଧିତ୍ୱକୁ ବୃଦ୍ଧି କରିବା, ଆନ୍ତର୍ଜାତିକ ମାନବ ଅଧିକାର ଚୁକ୍ତିନାମାକୁ ପାଳନ କରିବା ଏବଂ ସଂଖ୍ୟାଲଘୁଙ୍କ ପାଇଁ ସାମ୍ବିଧାନିକ ସୁରକ୍ଷା ବଜାୟ ରଖିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଏହି ଗ୍ରୁପ୍ ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ ଅନୁରୋଧ କରିଛି ।

## ଅଣ୍ଡର ନାଇଣ୍ଟିନ୍ ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଗ୍ରୁପ୍-ଏ ପର୍ଯ୍ୟାୟ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବାଂଲାଦେଶ ସମ୍ମୁଖରେ ୨୩୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଜିମ୍ବାୱେର ବୁଲାୱେ ସ୍ଥିତ କୁଇନ୍ସ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୪୮ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୩୮ରନ୍ ସଂଗ୍ରହ କରିଛି । ବର୍ଷା ଯୋଗୁଁ ମ୍ୟାଚ୍‌କୁ ୪୯ ଓଭର୍‌କୁ ହ୍ରାସ କରାଯାଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ବାଂଲାଦେଶ ୧୫ ଓଭରରେ ୨ ୱିକେଟ୍ ହରାଇ ୭୯ ରନ୍ ସଂଗ୍ରହ କରିଛି ।

## ଡବ୍ଲୁପିଏଲ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଦ୍ୱିତୀୟ ମ୍ୟାଚ୍ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ । ଦିଲ୍ଲୀ କ୍ୟାପିଟାଲ୍ସ ଏବଂ

ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ନଭି ମୁମ୍ବାଇର ଡି.ୱାଇ. ପାଟିଲ୍ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଛି । ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ।

ଆଜିର ପ୍ରଥମ ମ୍ୟାଚ୍‌ରେ ୟୁ.ପି. ୱାରିୟର୍ସ୍’ ମୁମ୍ବାଇ ଇଣ୍ଡିଆନ୍ସକୁ ୨୨ରନ୍‌ରେ ପରାସ୍ତ କରିଛି । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୟୁ.ପି. ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୮୭ରନ୍ ସଂଗ୍ରହ କରିଥିଲା । ୧୮୮ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆ ୬ ୱିକେଟ୍ ବିନିମୟରେ ୧୬୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।